# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**03rd October - 2023**

**News Editor : *Itishree Singh Rathaur***

*************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ନାଇଜର ପରିସରରେ ହୋମିଭାଭା କ୍ୟାନସର ହସ୍‌ପିଟାଲ ଏବଂ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

– ୨୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଡିସେମ୍ବର ୨୦୨୫ ସୁଦ୍ଧା ହେବ କାର୍ଯ୍ୟକ୍ଷମ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ  ଦୂରଦୃଷ୍ଟି ସମ୍ପନ୍ନ ବିଚାରଧାରା ଯୋଗୁଁ ଉପକୃତ ହୋଇଛନ୍ତି ମହିଳା ଏବଂ ଗରିବ ଶ୍ରେଣୀର ଲୋକ; କହିଲେ, କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର

– କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ମେରି ମାଟି, ମେରା ଦେଶ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ

- ରାଜ୍ୟରେ ବିଗତ ୮ ବର୍ଷ ମଧ୍ୟରେ ୬୯୮ଟି ହାତୀଙ୍କ  ମୃତ୍ୟୁ ହୋଇଥିବା ବିଧାନସଭାରେ ସୂଚନା ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିଛି ବର୍ଷା; ଅତିପ୍ରବଳ ବର୍ଷା ହେବା ନେଇ ୫ଟି ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ

*Desk*

# ମୁଖ୍ୟମନ୍ତ୍ରୀ– କ୍ୟାନସର ହ୍ପିଟାଲ ଲୋକାର୍ପଣ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜଟଣୀ ସ୍ଥିତ ନାଇଜର ପରିସରରେ ହୋମିଭାଭା କ୍ୟାନସର ହସ୍‌ପିଟାଲ ଏବଂ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏହି ଗବେଷଣା କେନ୍ଦ୍ର ବିଶ୍ୱସ୍ତରୀୟ କର୍କଟ ରୋଗ, ଗବେଷଣା ଏବଂ ନବନ୍ୱେଷ କେନ୍ଦ୍ର ହେବ। ଏହି ୨୦୦ ଶଯ୍ୟା ବିଶିଷ୍ଟ କର୍କଟ ଡାକ୍ତରଖାନା ଡିସେମ୍ବର ୨୦୨୫ ଯାଏଁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ କର୍କଟ ରୋଗର ଚିକିତ୍ସା ପାଇଁ ଓଡ଼ିଶାର ରୋଗୀମାନଙ୍କୁ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ର ରୋଗୀମାନେ ଉପକୃତ ହେବେ। ସେ କହିଛନ୍ତି,  ଏହି ହସ୍‌ପିଟାଲ ପାଇଁ 'ମୋ ବସ୍' ଚଳାଚଳ କରିବା ସହ ହସ୍‌ପିଟାଲ ନିକଟରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଗରିବ ରୋଗୀମାନଙ୍କୁ ମାଗଣାରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏଥିରେ ସାମିଲ କରାଯିବ ଏବଂ ହସ୍‌ପିଟାଲ ପରିସରରେ ଆହର କେନ୍ଦ୍ର ଖୋଲାଯିବ। ସେ କହିଛନ୍ତି, ଏଥିପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କାର ସହାୟତା ଯୋଗାଇବା ସହ ୬୫ ଏକର ଜମି ଉପଲବ୍ଧ କରାଇଛନ୍ତି।

*Desk*

## ଅନୁରାଗ ଠାକୁର ଓଡ଼ିଶା ଗସ୍ତ

କେନ୍ଦ୍ର ସରକାର ମହିଳା ଏବଂ ଗରିବମାନଙ୍କର କଲ୍ୟାଣ ପାଇଁ ସବୁ ସମୟରେ ପ୍ରୟାସ ଜାରି ରଖିଛନ୍ତି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି।

ଦିନିକିଆ ଓଡ଼ିଶା ଗସ୍ତରେ ଆସି ମନ୍ତ୍ରୀ ଶ୍ରୀ ଠାକୁର ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି, 'ନାରୀ ଶକ୍ତି ବନ୍ଦନ' ଅଧିନିୟମ ଅଧୀନରେ ମହିଳାମାନଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ କେନ୍ଦ୍ର ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି। ପୂର୍ବ ଭାରତର ବିକାଶରେ ଓଡ଼ିଶାର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ସର୍ବଦା ଚେଷ୍ଟା ଜାରି ରଖିଛନ୍ତି। ସାହିତ୍ୟଠାରୁ ଆରମ୍ଭ କରି ପରମ୍ପରା ଓ ଓଡ଼ିଶାର ସମୃଦ୍ଧି ବାବଦରେ ପ୍ରଧାନମନ୍ତ୍ରୀ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବିଗତ ୯ ବର୍ଷ ମଧ୍ୟରେ ଏନ୍‌ଡିଏ ନେତୃତ୍ୱାଧୀନ ବିଜେପି ସରକାରଙ୍କ ଉପଲବ୍ଧି ବିଷୟରେ ସୂଚନା ଦେଇ ଶ୍ରୀ ଠାକୁର କହିଛନ୍ତି, ସ୍ୱଚ୍ଛ ପରିବେଶ ଏବଂ ଗ୍ରାମାଞ୍ଚଳକୁ ବାହ୍ୟ ମଳ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ୧୨ କୋଟି ଶୌଚାଳୟ ନିର୍ମାଣ କରିଛନ୍ତି। **- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ବିଚାରଧାରା ଯୋଗୁଁ ଗରିବ ଶ୍ରେଣୀର ମହିଳା ମାନଙ୍କୁ ସ୍ୱଚ୍ଛ ଇନ୍ଧନ ମିଳିପାରୁଛି। ଉଜ୍ଜ୍ୱଳା ଯୋଜନାରେ ୯ ଲକ୍ଷ ୬୦ ହଜାର ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଇଛି।

ଓଡ଼ିଶାକୁ ଗତ ୯ ବର୍ଷ ମିଳିଥିବା କେନ୍ଦ୍ରୀୟ ଅନୁଦାନର ହିସାବ ଦେଇ ଶ୍ରୀ ଠାକୁର କହିଛନ୍ତି, ୟୁପିଏ ସରକାରଙ୍କ ସମୟରେ ରାଜ୍ୟକୁ ୨ ଲକ୍ଷ ୬୩ ହଜାର ୨୪୩ କୋଟି ଟଙ୍କା ଦିଆଯାଇଥିବାବେଳେ ଏନ୍‌ଡିଏ ସରକାର ଅମଳରେ ଏହି ଅର୍ଥ ଯଥେଷ୍ଟ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟକୁ ୧୮ ଲକ୍ଷ ୮୩ ହଜାର ୬୫୪ କୋଟି ଟଙ୍କା ଦିଆଯାଇଛି। ସେହିଭଳି ରେଳବାଇ କ୍ଷେତ୍ରରେ ରାଜ୍ୟକୁ ୟୁପିଏ ସରକାରଙ୍କ ଅମଳରେ ୫ ହଜାର ୧୯୦ କୋଟି ମିଳିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାର ରେଳ ଅନୁଦାନ ପରିମାଣ ୧୧ ଗୁଣରୁ ଅଧିକ ବୃଦ୍ଧି କରି ୫୬ ହଜାର ୮୦୦ କୋଟିରୁ ଅଧିକ ଟଙ୍କା ଅନୁଦାନ ଦେଇଛନ୍ତି। ଜି-୨୦ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ବୈଶ୍ୱିକ ଚିନ୍ତାଧାରା ସାରା ପୃଥିବୀବାସୀ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି।

ଶ୍ରୀ ଠାକୁର ଆଜି ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'ମେରି ମାଟି, ମେରା ଦେଶ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଏକ ଫଳକକୁ ସେ ଉଦ୍‌ଘାଟନ କରିବା ସହିତ ଚାରାରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ଠାକୁରଙ୍କ ସହ ଉଭୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

ସୂଚନା ଅନୁସାରେ, ଆଜି ଅପରାହ୍ନରେ ଶ୍ରୀ ଠାକୁର ଦୁଇଟି ଓଡ଼ିଆ ଦୈନିକ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

*Assembly*

# ବିଧାନସଭା

ବିଧାନସଭା ମୌସୁମୀ ଅଧିବେଶନରେ ଆଜି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହର ପ୍ରଥମାର୍ଦ୍ଧ ବୈଠକ ମାତ୍ର ୨ ମିନିଟ୍ ପାଇଁ ଚାଲିଥିଲା । ମୁଖ୍ୟମନ୍ତ୍ରୀଙ୍କ ବିବୃତିରୁ ଜନବିରୋଧୀ ଶବ୍ଦ ହଟାଇବା ଦାବି କରି ଆଜି ବିରୋଧୀ ବିଜେପି ବିଧାୟକମାନେ ଗୃହରେ ହଟ୍ଟଗୋଳ କରିଥିଲେ । ଏଥିସହିତ ଦୁଇ ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ବିଜେପି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ । ଗୃହକାର୍ଯ୍ୟ ଚାଲିବାରେ ବାଧା ଉପୁଜିବାରୁ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଛନ୍ତି ।

ଗୃହ ମୁଲତବୀ ଯୋଗୁଁ ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ, ଶୂନ୍ୟକାଳ ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଗୃହକାର୍ଯ୍ୟ ହୋଇପାରିନାହିଁ । ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଜି ଅପରାହ୍ନରେ ଗୃହରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ କରିବେ । ଏହା ସହ ଆଜି ମଧ୍ୟ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ଆର୍ଥିକ ସ୍ଥିତି ଉପରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବ ।

*Assembly*

# ବିଧାନସଭା-୨

ରାଜ୍ୟରେ ଗତ ୮ ବର୍ଷ ମଧ୍ୟରେ ୬୯୮ ହାତୀଙ୍କର ମୃତ୍ୟୁ ଘଟିଛି । ସେହିପରି ଏହି ସମୟ ମଧ୍ୟରେ ୭ଟି ମହାବଳ ଓ ୪୮ଟି କଲରାପତରିଆ

ବାଘଙ୍କ ଜୀବନ ଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୧୫-୧୬ରୁ ଚଳିତ ବର୍ଷ ଗତ ୨୫ ତାରିଖ ସୁଦ୍ଧା ଏମାନଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ରୋଗ, ବିଦ୍ୟୁତ ଆଘାତ, ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା, ଶୀକାର ଏବଂ ବିଷ ପ୍ରୟୋଗ ଭଳି କାରଣରୁ ହାତୀ ଓ ବାଘଙ୍କର ମୃତ୍ୟୁ ଘଟିଥିବା ସେ କହିଛନ୍ତି।

***Deogarh/BHK***

## ଜନ ଅଭିଯୋଗ ଶୁଣାଣି

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ବ୍ୟକ୍ତିଗତ ଓ ଚାରୋଟି ସାମୂହିକ ସମସ୍ୟା ନେଇ ଶୁଣାଣି ହୋଇଥିଲା। ଶିବିରରେ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ, ଜିଲ୍ଲା ଏସ୍.ପି. ପ୍ରଦ୍ୟୁମ୍ନ ମିଶ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

ସେହିପରି ଭଦ୍ରକରେ ଆୟୋଜିତ ଜନଅଭିଯୋଗ ଶିବିରରେ ୬୨ଟି ଅଭିଯୋଗର ଶୁଣାଣି ସହ ୮ ଜଣଙ୍କୁ ଚିକିତ୍ସା ଖର୍ଚ୍ଚ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

***Desk***

## ଏସୀୟ କ୍ରୀଡ଼ା

ହାଙ୍ଗେଝୌ ଠାରେ ଚାଲିଥିବା ଏସୀୟ କ୍ରୀଡ଼ାର ଦଶମ ଦିନରେ ଭାରତର ପଦକ ସଂଖ୍ୟା ୬୨କୁ ବୃଦ୍ଧି ପାଇଛି। ଆଜି ଭାରତ ଦୁଇଟି

ବ୍ରୋଞ୍ଜ ପଦକ ଜିତିଛି। ଅର୍ଜୁନ ସିଂ ଏବଂ ସୁନୀଲ ସିଂ ସାଲମଙ୍କ ଯୋଡ଼ି ନୌକାଚାଳନାରେ ୧ ହଜାର ମିଟର ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଲଭ୍‌ଲିନା ବେରଗହାଙ୍ଗ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ଭାରତ ୧୩ଟି ସ୍ୱର୍ଣ୍ଣ, ୨୪ଟି ରୌପ୍ୟ ଏବଂ ୨୫ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୬୨୧ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପୁରୁଷ କ୍ରିକେଟରେ ଭାରତ’ ନେପାଳକୁ ୨୩ ରନ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।  ତେବେ ଏସୀୟ କ୍ରୀଡ଼ାରେ କୃତୀତ୍ୱ ଅର୍ଜନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଖେଳାଳିମାନଙ୍କୁ ନୂଆଦିଲ୍ଲୀରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଗତକାଲି ସମ୍ବର୍ଦ୍ଧିତ କରିଛନ୍ତି।

***MET***

## ପାଣିପାଗ

ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ଏବଂ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ ଥିବା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁରର ବାମରା ଠାରେ ସର୍ବାଧିକ ୧୫ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରର ବାଂଶପାଳ ଓ ଘସିପୁରାରେ ୧୩ ସେଣ୍ଟିମିଣ୍ଟର ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୁରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଆଦି ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲ୍ଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

*****